ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୨୬/୨୦୨୧ (୮+୮ପୃଷ୍ଠା) Sambalpur, Tuesday, October 26/2021

# ପିଏମ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ

## 64,000 କୋଟି ଟଙ୍କାର ନିବେଶ ସହିତ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବ୍ୟାପକ ବିକାଶ ଲାଗି ସର୍ବବୃହତ ଯୋଜନା



ବିଗତ ସାତ ବର୍ଷ ମଧ୍ୟରେ
**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**
ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ସୁନିଶ୍ଚିତ କରିଛନ୍ତି

**ଆୟୁଷ୍ମାନ ଭାରତ ପିଏମଜେଏୱାଇ ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର** ବ୍ୟାପକତା ଆଣିଥିବା ବେଳେ **ଆୟୁଷ୍ମାନ ଭାରତ - ଡିଜିଟାଲ ମିଶନ** ସ୍ୱାସ୍ଥ୍ୟସେବା କ୍ଷେତ୍ର ସହ ପ୍ରଯୁକ୍ତିକୁ ଯୋଡ଼ିଛି ।

“ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ଶସ୍ତା, ସୁଲଭ ଏବଂ ଉଚ୍ଚ-ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପହଞ୍ଚିବା ଆବଶ୍ୟକ । ବହୁମୁଖୀ ହସ୍ତକ୍ଷେପ ମାଧ୍ୟମରେ ଏହାକୁ ସୁନିଶ୍ଚିତ କରିବା ଦିଗରେ ଆମେ କାର୍ଯ୍ୟ କରିଛୁ ।”

*– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ*




ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଲାଗି
**64,000 କୋଟି ଟଙ୍କା** ନିବେଶ କରାଯିବ

## ପିଏମ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ସୁନିଶ୍ଚିତ କରିବ:

### ବହୁମୁଖୀ ଏବଂ ବହୁପକ୍ଷୀୟ ହସ୍ତକ୍ଷେପ

- ଗମ୍ଭୀର ଓ ପ୍ରାଥମିକ ଚିକିତ୍ସା ପ୍ରତି ଗୁରୁତ୍ୱ
- ୨୨,000 ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ରର ନେଟୱର୍କ
- ସମସ୍ତ ଜିଲ୍ଲାରେ ଆଇସିୟୁ, ଭେଣ୍ଟିଲେଟର ଏବଂ ଅକ୍ସିଜେନ ସୁବିଧା ଥାଇ 37,000ରୁ ଅଧିକ ସ୍ୱତନ୍ତ୍ର ଜଟିଳ ଚିକିତ୍ସା ଡାକ୍ତରଖାନା ବ୍ଲକ୍
- 4,000ରୁ ଅଧିକ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଜନ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ପରୀକ୍ଷାଗାର
- ସବୁ ଜିଲ୍ଲାରେ ନିଦାନ ସେବାଗୁଡ଼ିକର ଏକ ବ୍ୟାପକ ରେଞ୍ଜ
- ଆଇଟି-ଆଧାରିତ ରୋଗ ନିରୀକ୍ଷଣ ବ୍ୟବସ୍ଥା

### ସାମଗ୍ରୀକ ସ୍ୱାସ୍ଥ୍ୟ ସେବା ପ୍ରତି ସଂସ୍ଥାଗତ ଆଭିମୁଖ୍ୟ

- ୱାନ୍ ହେଲ୍‌ଥ ପାଇଁ ଜାତୀୟ ସଂସ୍ଥାନ
- 4ଟି ନୂଆ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ସ ଫର ଭାଇରୋଲୋଜି
- ଡବ୍ଲୁଏଚଓ ଦକ୍ଷିଣ ପୂର୍ବ ଏସିଆ କ୍ଷେତ୍ର ପାଇଁ ଆଞ୍ଚଳିକ ଗବେଷଣା ପ୍ଲାଟଫର୍ମ
- 15ଟି ଜୈବ ସୁରକ୍ଷା ଲେଭଲ 3 ଲ୍ୟାବ
- 5ଟି ନୂଆ ଆଞ୍ଚଳିକ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର
- 50ଟି ଅନ୍ତର୍ଜାତୀୟ ପ୍ରବେଶ ପଥରେ ଜନ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଏବଂ ରୋଗ ସଂକ୍ରମଣ ନିୟନ୍ତ୍ରଣ ଲାଗି ଜନ ସ୍ୱାସ୍ଥ୍ୟ ୟୁନିଟ୍

## ଏକ ସୁସ୍ଥ ଭବିଷ୍ୟତର ସଙ୍କେତ!

सत्यमेव जयते
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ

ସ୍ୱାସ୍ଥ୍ୟସେବାକୁ ରୂପାନ୍ତରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କର କ'ଣ ଦୂରଦୃଷ୍ଟି ରହିଛି ତାହା ତାଙ୍କ ନିଜ ଶବ୍ଦରେ ଶୁଣନ୍ତୁ ।
ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

davp 17102/13/0034/2122

**୨୮ରେ ସୁବର୍ଣ୍ଣପୁର ବନ୍ଦ**

**ସୋନପୁର,(ନି.ପ୍ର.):** ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ଆସନ୍ତା ୨୮ ତାରିଖ ଗୁରୁବାର ସୁବର୍ଣ୍ଣପୁର ବନ୍ଦ ଡାକରା ଦେଇଛି ଭାଜପା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ସୁବର୍ଣ୍ଣପୁର ଜିଲାରେ ବନ୍ଦ ପାଳନ କରାଯିବ। ଏହି ଅବସରରେ ଜରୁରୀକାଳୀନ ସେବା ଛାଡି ବାକି ସବୁ ବନ୍ଦ ରହିବ ବୋଲି ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର ସୂଚନା ଦେଇଛନ୍ତି। ବନ୍ଦରେ ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ, ଦୋକାନ ବଜାର, ଗାଡି ମୋଟର ଚଳାଚଳ ବନ୍ଦ ରହିବ। ରାଜ୍ୟ ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉ ଥିବାରୁ ମମିତାଙ୍କୁ ନ୍ୟାୟ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଆଗକୁ ଭାଜପା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆଠ ମାସ ହେଲା ବୃଦ୍ଧଙ୍କୁ ମିଳୁନି ପିଡିଏସ୍ ଚାଉଳ

**ଲାଠୋର, ୨୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ କୁଶପାଲି ଗ୍ରାମର ନୂଆ ମାଝି (୬୭)। ଗତ ୮ ମାସ ହେଲା ତାଙ୍କୁ ପିଡିଏସ୍ ଚାଉଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ତାଙ୍କୁ ଭୋକଉପାସରେ ରହିବକୁ ପଡୁଛି। ସ୍ତ୍ରୀଙ୍କ ମୃତ୍ୟୁ ପରେ ନୂଆ ଏକାକୀ ରହୁଛନ୍ତି। ହଲନଭଟା ପଞ୍ଚାୟତରୁ ତାଙ୍କ ନାମରେ ଏକ ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରାଯାଇ ମାସକୁ ୩୫ କେଜି ପିଡିଏସ୍ ଚାଉଳ ଦିଆଯାଉଥିଲା। ହେଲେ ଗତ ୮ ମାସ ହେଲା ତାଙ୍କୁ ପଞ୍ଚାୟତ ପକ୍ଷରୁ ଚାଉଳ ପ୍ରଦାନ କରାଯାଉନାହିଁ ସେ ବାରମ୍ବାର ପଞ୍ଚାୟତ ଅଫିସରେ ଏ ନେଇ ଜଣାଇଲେ ମଧ କୌଣସି ସୁଫଳ ମିଳି ନାହିଁ। ଏନେଇ ଯୋଗାଣ ସହାୟକ ବନମାଳୀ ଖୁରାଙ୍କୁ ପଚାରିବାରୁ ପୂର୍ବରୁ ଅଫଲାଇନରେ ଚାଉଳ ହିତାଧିକାରୀଙ୍କୁ ଦିଆଯାଉଥିଲା। ଏବେ ଅନଲାଇନରେ ଦିଆଯାଉଥିବା ଯୋଗୁ ସମ୍ପୃକ୍ତ ବୃଦ୍ଧଙ୍କ ଆଧାର ନମ୍ବର ମ୍ୟାଚ କରୁନାହିଁ। ଆଧାର ମ୍ୟାଚ କରି ଆଣିଲେ ଚାଉଳ ଦିଆଯିବ ବୋଲି ସେ କହିଛନ୍ତି।

### ରକ୍ତଦାନ କଲେ ଯୁବଗୋଷ୍ଠୀ



**ବିନିକା,୨୫।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପଲସାପାଲି ୟୁପି ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଲସାପାଲି ତ୍ରିବେଣୀ ଛକ, ବାବୁପାଲି, ବାଗଡିଆର ଯୁବଗୋଷ୍ଠୀ ଓ ଜିଲା ଅମୃତ କୁଟୁମ୍ବ ସ୍ୱେଚ୍ଛାସେବୀ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ୮୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ଡ. ଚିତ୍ତରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାଳ, ଜନକ ଦେହେରୀ ରକ୍ତ ସଂଗ୍ରହ କରିଥିଲେ। ଶିବିର ପରିଚାଳନାରେ ସୌମିତ୍ରୀ ପଧାନ, ସତ୍ୟ ନାରାୟଣ ପଣ୍ଡା, ବଂଶୀଧର ବେହେରା, ସୁରୁବାବୁ ପ୍ରଧାନ, ଖବରଦାତା ବିପ୍ଳବ ରଞ୍ଜନ ଦାଶ ଓ ସଦାନନ୍ଦ ପଧାନ ସହଯୋଗ କରିଥିଲେ।

### ବ୍ୟାପୁଛି ଫାଟୁଆ ରୋଗ, ଚିନ୍ତାରେ ଗୋଚାଷୀ

**ଲୋଇସିଂହା,୨୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ଗ୍ରାମରେ ଗୋରୁଙ୍କଠାରେ ଫାଟୁଆ ରୋଗ ବ୍ୟାପୁଛି। ଏଥିଯୋଗୁ ଗୋରୁ ମୃତ୍ୟୁମୁଖରେ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର ଦିଗରେ ପ୍ରାଣୀ ସମ୍ପଦ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗଲପୁର ବ୍ଲକ ଶଙ୍ଖୁଆ, ଲୁହୁରାମୁଣ୍ଡା, ସାଲେଭଟା ଓ ଫାସଡ ଅଞ୍ଚଳରେ ଗୋରୁଙ୍କଠାରେ ଫାଟୁଆ ରୋଗ ପରିଲକ୍ଷିତ ହେଉଛି। ଫାଟୁଆ ରୋଗ ପ୍ରଭାବରେ ଗୋରୁ ଚଲାବୁଲା ବେଳେ କଷ୍ଟ ପାଇବା ସହ ଖାଦ୍ୟ ଠିକ୍‌ଭାବେ ଗ୍ରହଣ କରୁନାହାନ୍ତି। ଆଗଲପୁର ଗୋମଡ ଦେଖାଦେଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କିଛି ମାସ ପୂର୍ବରୁ ଏଠାରେ ସରକାରଙ୍କ ପକ୍ଷରୁ ଗୋରୁଙ୍କୁ ଟିକାକରଣ କରାଯାଇଥିଲା। ତେବେ ସେତେବେଳେ ଯୋଗାଣ ଟିକା ପ୍ରଭାବଶାଳୀ ନ ଥିବାରୁ ଟିକାକୁ ଫେରାଇ ଦିଆଯାଇଥିଲା। ଟିକାକରଣ କାର୍ଯ୍ୟ ବନ୍ଦ ରହିଥିବାରୁ ଏବେ ଗୋରୁଙ୍କଠାରେ ବିଭନ୍ନ ରୋଗ ପ୍ରାଦୁର୍ଭାବ ବଢି ଚାଲିଛି। ଏଥିପ୍ରତି ଜିଲାପାଳ ଓ ପ୍ରାଣୀ ସମ୍ପଦ ବିଭାଗ ଦୃଷ୍ଟିଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ଗିରି ଗୋବର୍ଦ୍ଧନପୂଜା ପାଇଁ ପ୍ରସ୍ତୁତି

**ଦେଓଗାଁ,୨୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡଠାରେ ସୋମବାର ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ପରିଚାଳନା କମିଟି ସଭାପତି ଦୟା ମାହାକୁଡଙ୍କ ସଭାପତିତ୍ୱ ତଥା ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମକୁନ୍ଦପୁର ପଞ୍ଚାୟତର ୯ଖଣ୍ଡ ଗାଁର କର୍ମକର୍ତ୍ତା ଯୋଗଦେଇଥିଲେ। ଚଳିତବର୍ଷ ପୂଜା ପରିଚାଳନା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। କରୋନା କଟକଣା ଥିବାରୁ ମହୋତ୍ସବ ଓ ନାମଯଜ୍ଞକୁ ବାଦଦେଇ ବିନା ଭକ୍ତ ସମାଗମରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପାଦକ ରାଜେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ବାଳକ ପଧାନ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ବଡବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ଉତ୍ସାହ, ଅନୁଭୂତି ନିଆରା

## ଖୋଲିଲା ଅଷ୍ଟମ ଶ୍ରେଣୀ

*କରୋନା ସଂକ୍ରମଣ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧକ ସାଜିଥିଲା। ତେବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସୋମବାରଠାରୁ ଅଷ୍ଟମ ଶ୍ରେଣୀ ଖୋଲିଛି। ଦୀର୍ଘ ୧୮ମାସ ବ୍ୟବଧାନ ପରେ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଦ ଥାପିଛନ୍ତି। କରୋନା କାଳରେ ଅନ୍‌ଲାଇନ ଶିକ୍ଷାଦାନ ପାଉଥିବା ଛାତ୍ରୀଛାତ୍ର ଏବେ ପୂର୍ବଭଳି ଅଫ୍‌ଲାଇନ ଶିକ୍ଷାଦାନ ପାଇବେ। ସ୍କୁଲ ଖୋଲିଥିବାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉତ୍ସାହିତ ଅଛନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକ ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଫ୍‌ଲାଇନ ପାଠପଢ଼ାକୁ ନେଇ ଏକ ଉପସ୍ଥାପନା।*



ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲ ଶ୍ରେଣୀକକ୍ଷରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର।

### ଖୁସି ଆଣିଲେ ସହପାଠୀ



"ପୂର୍ବାହ୍ନ ୯ଟାରେ ବିଦ୍ୟାଳୟ ଖୋଲିବ ବୋଲି ଜାଣିଥିଲି। ଫଳରେ ପୂର୍ବାହ୍ନ ସାଢ଼େ ୮ଟାରୁ ମାସ୍କ ଲଗାଇ ବହି ବସ୍ତାନୀ ଧରି ବିଦ୍ୟାଳୟ ଅଭିମୁଖେ ବାହାରିଥିଲି। ବିଦ୍ୟାଳୟରେ ପହଞ୍ଚିବା ପରେ ସହପାଠୀ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦେଖି ବହୁତ ଖୁସି ଲାଗିଲା।

-ମୃତ୍ୟୁଞ୍ଜୟ ପ୍ରଧାନ, ଛାତ୍ର

### ମନେ ପଡ଼ିଲା ସାମୂହିକ ପ୍ରାର୍ଥନା



"ଆମ ଘର କର୍ଣ୍ଣାଟିକ୍ରାରୋ। ଅଳ୍ପଦୂରରେ ସ୍କୁଲ ଥିବାରୁ ଚାଲି ଚାଲି ଆସିଥିଲି। ସ୍କୁଲରେ ପହଞ୍ଚିବା ପରେ ଶିକ୍ଷୟିତ୍ରୀ, ଶିକ୍ଷକ ଆମକୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କଲେ। କିନ୍ତୁ ପୂର୍ବଭଳି ସାମୂହିକ ପ୍ରାର୍ଥନା ହେଲା ନାହିଁ। ସେଥିପାଇଁ ଟିକିଏ ଅଡୁଆ ଅନୁଭବ କଲି।

-ଅଙ୍କିତା ଭୁଏ, ଛାତ୍ରୀ

### ଅନୁଚ୍ଛେଦ ଲେଖା, ଚିତ୍ରାଙ୍କନରେ ପ୍ରଥମ ଦିନ



"ମାସ୍କ ପିନ୍ଧି ଆସିଥିଲି। ବିଦ୍ୟାଳୟରେ ହାତ ସାନିଟାଇଜ କରାଗଲା। ସାମାଜିକ ଦୂରତା ରଖି ଶ୍ରେଣୀକକ୍ଷରେ ସମସ୍ତ ସହପାଠୀ ବସିଲୁ। ପ୍ରଥମ ଦିନରେ କରୋନା ଉପରେ ଏକ ଅନୁଚ୍ଛେଦ ଲେଖିବା ସହିତ ଚିତ୍ରାଙ୍କନ ଆଙ୍କିଥିଲୁ। ବହୁତ ଭଲ ଲାଗିଲା।

-କ୍ଷୀରେଶ୍ୱରୀ ବେହେରା, ଛାତ୍ରୀ

### ଶ୍ରେଣୀକକ୍ଷର ଅନୁଭୂତି ନିଆରା



"ବିଦ୍ୟାଳୟରେ ସହପାଠୀଙ୍କୁ ଭେଟି ଖୁସି ଲାଗିଲା। ଗାଁରେ ଥିବାବେଳେ ମଧ୍ୟ ସାଙ୍ଗସାଥୀଙ୍କୁ ଭେଟୁଥିଲି। କିନ୍ତୁ ବିଦ୍ୟାଳୟରେ ସହପାଠୀଙ୍କ ସହିତ ଗୋଟିଏ ଶ୍ରେଣୀକକ୍ଷରେ ପଢ଼ିବାରେ ଯେଉଁ ଅନୁଭୂତି, ଗାଁରେ ସାଙ୍ଗସାଥୀଙ୍କୁ ଭେଟିଲେ ତାହା ମିଳ ନ ଥାଏ।

-ପ୍ରିୟାଂଶୀ ପ୍ରଧାନ, ଛାତ୍ରୀ

### କୋଭିଡ୍ କଟକଣାକୁ ଗୁରୁତ୍ୱ



"ବିଦ୍ୟାଳୟରେ କୋଭିଡ୍ କଟକଣାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ସତର୍କ ଦୃଷ୍ଟି ରଖାଯାଉଛି। ୧୮ମାସ ପରେ ଶ୍ରେଣୀକକ୍ଷରେ ଛାତ୍ରୀଛାତ୍ରଙ୍କ ସହିତ ସାକ୍ଷାତ ହୋଇଛି। ପଢ଼ିବାକୁ ପିଲାଙ୍କ ଉତ୍ସାହ ରହିଛି। ଅନୁରୂପ ଭାବେ ଶିକ୍ଷାଦାନ ପାଇଁ ଆମେ ଉତ୍ସାହିତ ଅଛୁ।

-ପ୍ରେମାନନ୍ଦ ସାହୁ, ଶିକ୍ଷକ

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

### ବାରି ହୋଇପଡ଼ିଲା ଉତ୍ସାହ

**ବିନିକା,୨୫।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଓ ଲଛିପୁର କ୍ଲଷ୍ଟରରେ ଥିବା ୮ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଦେଢବର୍ଷ ପରେ ସୋମବାର ପୁଣି ଅଫ୍‌ଲାଇନରେ ପାଠପଢା ଆରମ୍ଭ କରିଛନ୍ତି। ଏଥିପାଇଁ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିପାଇଁ କୋଭିଡ୍ ନିୟମର କଡ଼ାକଡ଼ି ଅନୁସରଣ କରାଯାଇଥିଲା। ଲଛିପୁର କ୍ଲଷ୍ଟର ସିଆର୍‌ସିସି ଅଭିମନ୍ୟୁ ପାତ୍ର ଭୂର୍ଷାପାଲି ୟୁପି ସ୍କୁଲକୁ ଯାଇ ୮ମ ଶ୍ରେଣୀ ପିଲାଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ବୁଲି ଦେଖିଥିଲେ। ପ୍ରଧାନଶିକ୍ଷକ କ୍ଷୀରାବ୍ଧି ସାହୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଧରୁଆ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା



ହରିଣାପାଲି ୟୁପି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

**ଅମରପାଲି,୨୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅଷ୍ଟମ ଶ୍ରେଣୀର ପାଠପଢ଼ା ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ୧୮ମାସ କାଳ ବିଦ୍ୟାଳୟ ବନ୍ଦ ରହିଥିଲା। ସ୍କୁଲ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସବୁ ବିଦ୍ୟାର୍ଥୀ ମାସ୍କ ପିନ୍ଧିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ସହିତ ପୁଷ୍ପଗୁଚ୍ଛ ସହିତ ବିଦ୍ୟାଳୟ ପରିସରକୁ ସ୍ୱାଗତ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରକୁ ପ୍ରବେଶ କରିବା ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ରମେଶ ପଧାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଜନ୍ମେଜୟ ବିଶି ନିଜେ କିପରି ସଫାସୁତରା ରହିବା ସହ ବିଦ୍ୟାଳୟ ପରିବେଶକୁ ସଫାସୁତରା ରଖିବା ପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ମକୁନ୍ଦ ଧରୁଆ ସଭା ପରିଚାଳନା କରିଥିଲେ।

### ୟୁଥ ରେଡକ୍ରସ ତାଲିମ ଶିବିର

**ଉଲୁଣ୍ଡା, ୨୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରମେଶ ପ୍ରସାଦ ଡିଗ୍ରୀ ମହିଳା କଲେଜରେ ତିନିଦିନ ଧରି ଚାଲିଥିବା ୟୁଥ ରେଡକ୍ରସ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଯୁବ ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଲକ୍ଷ ଓ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଜିଲା ରେଡକ୍ରସ ଆବାହକ ମାରିଆନ୍ସ ଲାକ୍ରା, ଅଧ୍ୟାପକ ରାଜୀବ ଲୋଚନ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ଣ୍ଣ ପଟେଲ ସଭାପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସୁଜ୍ଞାନୀ ମହାକୁର, ଅନିସା ମହାକୁର, ଝିଲି ମେଣ୍ଡଲି, କୃପାଲିନୀ ଗୁରୁଙ୍କୁ ପୁରସ୍କୃତ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବେ ଡ. ସତ୍ୟନାରାୟଣ ହୋତା, ଜିଲା ପ୍ରାଥମିକ ସହାୟକ ପ୍ରଶିକ୍ଷକ ଉଦ୍ଧବ ପଧାନ, ଅଗ୍ନିଶମ ଅଧିକାରୀ ବରତ ଲାଲ ଏକ୍କା, ଡ. ବିଶ୍ୱନାଥ ମେହେର, ଏସଆଇ ଟଙ୍କଧର ଛତ୍ରିଆ, ଅଧ୍ୟାପକ କିଶୋର ସାହୁ ଯୋଗ ଦେଇଥିଲେ।

### ଝରଣା ସଫେଇ କଲେ ଯବାନ

**ଖପ୍ରାଖୋଲ, ୨୫।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପାପନାଶିନି ଝରଣାକୁ ସୋମବାର ସିଆରପିଏଫ୍ ଯବାନମାନେ ସଫେଇ କରିଥିଲେ। ୧୮୯ ବାଟାଲିଅନ କମାଣ୍ଡାଣ୍ଟ ପବନ କୁମାର ତିୱାରୀଙ୍କ ନିର୍ଦ୍ଦେଶରେ ବି କମ୍ପାନୀର ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଲଖବିନ୍ଦର ସିଂ, ଓମପ୍ରକାଶ ଯାଦବ, ଇନ୍ସପେକ୍ଟର ଶଙ୍କର ସିଂଙ୍କ ନେତୃତ୍ୱରେ ଯବାନମାନେ ଝରଣା ଓ ମନ୍ଦିର ଚାରିପାଖ ସଫେଇ କରିଥିଲେ। ଲୋକଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରିବା ସହ ପଲିଥିନ ବ୍ୟବହାର ନ କରିବାକୁ କହିଥିଲେ। ଏହି ଅବସରରେ ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁରଙ୍କ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ।

# ଏସ୍‌ପିଙ୍କୁ ଫେରାଦ, ଆନ୍ଦୋଳନ ଚେତାବନୀ

**ବରଗଡ଼ ଅଫିସ୍,୨୫।୧୦**

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ପ୍ରକ୍ରିୟା ସାଧାରଣରେ ନାନା ସନ୍ଦେହ ସୃଷ୍ଟି କରିଛି। ଗୋଟିଏ ପଟେ ତଦନ୍ତ ଶିଥିଳ ହୋଇପଡ଼ିଥିବାବେଳେ ଅନ୍ୟପଟେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଏସ୍‌ପି ରାହୁଲ ଜୈନଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗୋବିନ୍ଦ ମୃତ୍ୟୁ ଘଟଣାରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି।

ଗତ ସେପ୍ଟେମ୍ବର ୨୪ତାରିଖରେ ଟାଉନ ଥାନା ପୋଲିସ ଗୋବିନ୍ଦଙ୍କୁ ଘରୁ ଉଠାଇ ନେଇଥିଲା। ପୋଲିସ ହେପାଜତରେ ଥିବାବେଳେ ମାଡ଼ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ଭାଜପା ଅଭିଯୋଗ କରିଛି। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ଏହାକୁ ହାଜତ ମୃତ୍ୟୁ ବୋଲି ଘୋଷଣା ନ କରିବା ଦୁର୍ଭାଗ୍ୟଜନକ। ପୋଲିସ ମୃତକଙ୍କ ଏତଲାକୁ ନେଇ ମାମଲା ଦାଏର କରି ନ ଥିବା ଭାଜପା ଅଭିଯୋଗ କରିଛି। ସେହିପରି ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ମଧ୍ୟ ଆଖିଦୃଶିଆ ଆର୍ଥିକ ସହାୟତା ମିଳି ପାରି ନ ଥିବା ଅଭିଯୋଗ ହୋଇଛି। ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ଶାନ୍ତନୁ କୁମାର ନାଏକଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଈଶ୍ୱର ବାଗ, ପରୀକ୍ଷିତ ଛତର, କୁଶ କୁମ୍ଭାର, ବିପିନ ଭୋସାଗର, ଭରତ ବେହେରା, ଅକ୍ରୂର ମଲିକ, ଉର୍କୁଲୁ ତାଣ୍ଡି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଭାଜପା ପ୍ରତିନିଧି ଦଳ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**

# କଳାହାଣ୍ଡିରେ ୧୨ ଘଣ୍ଟିଆ ବନ୍ଦ




ଭବାନୀପାଟଣାରେ ପଛୁଆବର୍ଗ ଜାତି ସମୁହ ପକ୍ଷରୁ ବନ୍ଦ ପାଳନ।

**ଭବାନୀପାଟଣା,୨୫।୧୦(ସ୍ୱ.ପ୍ର)**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗମାନଙ୍କୁ ୨୭ ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ ଦାବିରେ ସୋମବାର ପଛୁଆବର୍ଗ ଜାତି ସମୁହ ପକ୍ଷରୁ ୧୨ ଘଣ୍ଟିଆ କଳାହାଣ୍ଡି ବନ୍ଦ ପାଳନ କରାଯାଇଛି। ଏଥିଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ତେବେ କଳାହାଣ୍ଡି ବଣିକ ସଂଘ ଏହି ବନ୍ଦ ପାଳନକୁ ସମର୍ଥନ ଦେଇ ନ ଥିବା ତଥା ଆଗତୁରା ଖବରଦାତା ସମ୍ମିଳନୀ କରି ବନ୍ଦ ପାଳନକୁ ବିରୋଧ କରିଥିବାରୁ ସଦର ମହକୁମା ଭବାନୀପାଟଣା ସହରରେ ବନ୍ଦ ପାଳନର ପ୍ରଭାବ ଆଂଶିକ ପଡିଥିବା ଦେଖିବାକୁ ମିଳିଥିଲା। ପଛୁଆ ବର୍ଗ ଜାତି ସମୂହ ତରଫରୁ ଆହ୍ୱାନ ଦିଆଯାଇଥିବା ଏହି ବନ୍ଦ ପାଳନକୁ ବିଭିନ୍ନ ମହଲରୁ ପୂର୍ଣ୍ଣ ସମର୍ଥନ ମିଳିଥିଲା। ଭବାନୀପାଟଣା-ଜୁନାଗଡ ୨୬ନଂ ଜାତୀୟ ରାଜପଥର ସ୍ଥାନୀୟ ନକଟିଗୁଡା ଛକ ଠାରେ ପଛୁଆ ବର୍ଗ ନେତା ନିରଞ୍ଜନ ପ୍ରଧାନ, କୀର୍ତ୍ତନ ନାଏକ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ ମହାଖୁଡ, କମ୍ବୁପାଣି ପରିଚ୍ଛା, ସୁବାଷ ପ୍ରଧାନ, ଅକ୍ରୂର ବାଗ, ଦାମ ମହାରଣା, ଡି. ଗହୀର, ସୁକାନ୍ତ ବିଶି, କୁନୁ ସାହୁ, କୀର୍ତ୍ତିଚନ୍ଦ୍ର ଗଉଡ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। କଲେଜ ଛକଠାରେ ପଛୁଆବର୍ଗ ନେତା କେଦାରନାଥ ରଣା, ସତ୍ୟ ମହାର, ସୁରଥ ରାଉତ, ରାମକୃଷ୍ଣ ରାଉତ, ଭାରତ ବୁଧିଆ, ହାଡୁ ସରାଫ, ଚିତ୍ତରଞ୍ଜନ ପାତ୍ର, ହେମନ୍ତ ରାୟ, ତ୍ରିମୋହନ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ସେହିପରି ଜୁନାଗଡଠାରେ ଏହାର ପ୍ରଭାବ ଫିକା ପଡିଥିଲା। ଅଳ୍ପ ସମୟ ପାଇଁ ହାତୀବ୍ରିଜ ଠାରେ ପଛୁଆବର୍ଗ ଜାତି ସମୂହ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଧର୍ମଗଡ ଚାରି ଛକଠାରେ ବନ୍ଦ ପାଳନ ସହ ରାସ୍ତା ଅବରୋଧ କରାଯାଇଥିଲା। ଏଥିରେ ପୂର୍ବତନ ଜିଲା ଯାଦବ ସଭାପତି ଡମ୍ବରୁଧର ଲହଜଲ, ପୂର୍ବତନ ସରପଞ୍ଚ ଧନୁ ଗୋପାଲ, ଜିଲା ଯୁବ ଯାଦବ ମହାସଭା ଉପସଭାପତି ଡାକେଶ୍ୱର ଲହଜଲ, ଜିଲା ସମ୍ପାଦକ ଲିଙ୍ଗରାଜ ବେହେରା, ତେଲି ସମାଜ ସମ୍ପାଦକ ଟିକେମଣି ସାହୁ, ଜନ୍ମେଜୟ ନାଏକ, ଅକ୍ରୁର ନାଏକ, ସେତୁରାମ ଭକ୍ତ, ଲବଣୀ ରାଉତ ପ୍ରମୁଖ ସାମିଲ ଥିଲେ। ସେହିପରି ଗୋଲାମୁଣ୍ଡା ବ୍ଲକରେ ମଧ ବନ୍ଦ ପାଳନ କରାଯାଇଥିଲା।

ପ୍ରକାଶ ଯେ, କଳାହାଣ୍ଡି ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗତ ୮ ତାରିଖ ଦିନ ସ୍ଥାନ ସଂରକ୍ଷଣ ଚିଠା ପ୍ରସ୍ତାବ ପ୍ରକାଶ ପାଇଥିବା ବେଳେ ଏଥିରେ ଅନେକ ତ୍ରୁଟି ରହିଛି। ଜିଲାର ୩୬ ଗୋଟି ଜିଲା ପରିଷଦ ଓ ୧୩ଟି ପଞ୍ଚାୟତ ସମିତି ଅଧକ୍ଷ ପଦପଦବୀରେ ପଛୁଆ ବର୍ଗଙ୍କୁ ସ୍ଥାନ ସଂରକ୍ଷଣ ପ୍ରଦାନ କରାଯାଇନାହିଁ। ଫଳରେ ଜିଲା ଜନସଂଖ୍ୟାର ୫୪ ପ୍ରତିଶତ ପଛୁଆ ବର୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହାକୁ ନିନ୍ଦା କରାଯାଇଛି। ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଗିନ୍ଦିଲାମାଲ ଚାମ୍ପିୟନ

## ଜିଲାସ୍ତରୀୟ ଏକ ଦିବସୀୟ ହକି ପ୍ରତିଯୋଗିତା

**ଉଲୁଣ୍ଡା,୨୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ହକି ସଂଘ ପକ୍ଷରୁ ଉଲୁଣ୍ଡା ବ୍ଲକ ଦକ୍ଷିଣପାଲି ଖେଳ ପଡିଆରେ ଜିଲାସ୍ତରୀୟ ଏକଦ୍ଦିବସୀୟ ହକି ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦକ୍ଷିଣପାଲି, ଗୋବିନ୍ଦପୁର, ବୁଢୀଝରଣ, ଗୁଜା, ଲମଡୁଲ, ଖରାପୁରା, ଠେଙ୍ଗୋ ଓ ଗିନ୍ଦିଲାମାଲ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗିନ୍ଦିଲାମାଲ ଓ ବୁଢୀଝରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗିନ୍ଦିଲାମାଲ ଦଳ ୨-୧ ରେ ମ୍ୟାଚ୍ ଜିତି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଦକ୍ଷିଣପାଲି ଓ ଗିନ୍ଦିଲାମାଲ ମହିଳା ହକି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ହକି ଦଳର ପ୍ରାକ୍ତନ ଉପସଭାପତି ଲକ୍ଷ୍ମୀଧର ମହାନ୍ତି, ଶିବଚରଣ ସାହୁ, ସନାତନ ମହାଲିଙ୍ଗ, ପ୍ରାକ୍ତନ ହକି ଖେଳାଳି ଭୁଆସ ଗୁଡିଆ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ସୁବାସ ବାର୍ଲା, ଇଗନେସ ବାର୍ଲା, ମାନୁଏଲ ବୁଡ ଓ ଅଜୟ ଲୁଗୁନ। ଉଦ୍‌ଘାଟନୀ ଉତ୍ସବରେ ସାମାଜିକକର୍ମୀ ହୃଦାନନ ମେହେର, ସିଣ୍ଢୋଲ ଆଞ୍ଚଳିକ ମହାବିଦ୍ୟାଳୟର ଯୁକ୍ତ ୨ ଅଧକ୍ଷ ଶିରିସ କୁମାର ଦାସ, ଚନ୍ଦା ଚରଣ ଦାସ, ସନ୍ତୋଷ ଭୁକ୍ତା ଓ ଦିଲ୍ଲିପ ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ପ୍ରଶିକ୍ଷକ ରାମ କୁମାର ସାହୁ ସଭାରେ ଅଧକ୍ଷତା କରିଥିଲେ। ହଜାର ହଜାର ଦର୍ଶକ ହକି ଖେଳକୁ ଉପଭୋଗ କରିଥିଲେ।




ଅତିଥିଙ୍କ ଗହଣରେ ମହିଳା ହକି ଦଳର ଖେଳାଳି।

## ଚାଷୀ ଋଣ ହେରଫେର

# ପ୍ୟାକ୍ସ ଘେରିଲେ ଚାଷୀ

**ତରଭା, ୨୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବଇରାସର ପାକ୍ସରେ ଋଣ ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଛି। ଏହିଭଳି ଅଭିଯୋଗ କରି ସୋମବାର ବଲାଙ୍ଗୀର କୃଷକ ସଂଘର୍ଷ ସମିତି ନେତୃତ୍ୱରେ ଶତାଧିକ ଚାଷୀ ପ୍ୟାକ୍ସ ଘେରାଉ କରିଥିଲେ। କୃଷକ ସଂଗଠନ ସଭାପତି ବିଭୂଦତ୍ତ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଋଣଗ୍ରହୀତା ଚାଷୀ ଅଫିସ ଭିତରକୁ ଧସେଇ ପଶିଥିଲେ। ଋଣ ଯୋଗାଣ ଖାତା ଓ ପାସ୍‌ବୁକ ତଦାରଖ ବେଳେ ଅନେକ ଚାଷୀ କମ୍ ପରିମାଣର ଋଣ ନେଇଥିବା ବେଳେ ତାଙ୍କ ଖାତାରେ ଅଧିକ ଋଣ ପଡିଥିବା ଅଭିଯୋଗ କରି ଚାଷୀମାନେ ପାଟିତୁଣ୍ଡ କରିଥିଲେ।

ପ୍ରକାଶଥାଉକି ପୂର୍ବରୁ ସଂଘ ତରଫରୁ ଋଣ ଖାତାପତ୍ର ତନଖି କରିବା ପାଇଁ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ସମ୍ପାଦକଙ୍କ ଅନୁପସ୍ଥିତି ନେଇ ଚାଷୀମାନେ ହୋହଲ୍ଲା କରିଥିଲେ। ଉପସ୍ଥିତ ଥିବା ସହକାରୀ ସମ୍ପାଦକ କୃଷ୍ଣଚନ୍ଦ୍ର ଦଣ୍ଡସେନା ଚାଷୀଙ୍କୁ ଋଣ ଦେଣନେଣର କାଗଜାତ ଦେଖାଇ ଆମ ସମିତିରେ କୌଣସି ଅନିୟମିତତା ହୁଏନାହିଁ ବୋଲି କହିଥିଲେ। ହେଲେ ଚାଷୀମାନେ ଏ କଥାକୁ ଗ୍ରହଣ କରି ନ ଥିଲେ। ଏ ସମୟରେ ଆନ୍ଦୋଳନରେ ସାମିଲ ଚାଷୀଙ୍କ ମଧ୍ୟରୁ ଫଟକରାର ବିଧବା ଗୁଲାପି ଛନ୍ଦ ୧୦ହଜାର ଟଙ୍କା ଋଣ ନେଇଥିବା ବେଳେ ୫୩ହଜାର ଟଙ୍କାର ଋଣ ହୋଇଥିବା ଦର୍ଶାଇଥିଲେ। ଛେମତଲା ଗ୍ରାମର ଲୁକ୍ରୁ ଷାଣ୍ଢ ୨୦ହଜାର ଟଙ୍କାରଣ ନେଇଥିବା ବେଳେ ତାଙ୍କ ନାମରେ ୭୦ହଜାର ଟଙ୍କା ଋଣ ହୋଇଥିବା କହିଥିଲେ। ସେହିପରି ଫଟକରା ଗ୍ରାମର ଲାଲବାହାଦୂର ଡାଙ୍ଗ ୨୦୧୭-୧୮ ବର୍ଷରେ ଋଣ ଖାତାରେ ୭୫ହଜାର ଟଙ୍କା ଥିବା ବେଳେ ସେ ପାଇଛନ୍ତି ମାତ୍ର ୧୫ହଜାର ଟଙ୍କା। ଜିଲା କୃଷକ ମହାସଂଘ ସଂଯୋଜକ ମଧୁସୂଦନ କ୍ଷେତି କହନ୍ତି, ବଇରାସର ପାକ୍ସରେ ଦୁର୍ନୀତି ହୋଇଛି। ୩ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ରିପୋର୍ଟ ନ ଦେଲେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୁଇଁତଲା ଶାଖା। ଘେରାଉ କରାଯିବ। ଏଥିସହିତ ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଅପରାଧ ମାମଲା ରୁଜୁ କରାଯିବ ବୋଲି ଚେତାବନୀ ଦେଇଥିଲେ।




ପ୍ୟାକ୍ସ ସମ୍ମୁଖରେ ବିକ୍ଷୋଭରତ ଚାଷୀମାନେ।

### ଚୋରି ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

କୁଚିଣ୍ଡା, (ଡି.ଏନ.ଏ.): ମହୁଲପାଲି ଥାନା ପୋଲିସ ରେଙ୍ଗାଲଖଣ୍ଡି ଗ୍ରାମର ବିଜୁ ମୁଣ୍ଡାଙ୍କୁ ଗିରଫ କରି ତାଙ୍କଠାରୁ ଚୋରି ମୋବାଇଲ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୩୬/୨୧) ରୁଜୁ କରି ପୋଲିସ ସୋମବାର ବିଜୁଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବେଲମୁଣ୍ଡା ଗ୍ରାମର ମଞ୍ଜୁବାଳା ଦେହୁରିଙ୍କ ଘରୁ ସେପ୍ଟେମ୍ବର ୨୫ରେ ମୋବାଇଲ ଚୋରି ହୋଇଥିଲା। ଏହାକୁ ସେ ସାଢେ ୧୪ ହଜାର ଟଙ୍କାରେ କିଣିଥିବା ବିଲ୍ ସହ ମହୁଲପାଲି ଥାନାରେ ଏତଲା କରିଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ରେଢାଖୋଲ ୨୫।୧୦ (ଡି.ଏନ.ଏ.): ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅଧୀନ ବଣିଆବନ୍ଧ ଗ୍ରାମ ଖଜୁରିଆପଡାର ବୁଧୁ ସାହୁ (୬୫) ସୋମବାର ସକାଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧୁ ସକାଳେ ଜମିକୁ ଯାଉଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ଏଥିରେ ତାଙ୍କ ଡାହାଣ ଗୋଡରେ ଆଘାତ ଲାଗିଛି। ବନବିଭାଗ ପକ୍ଷରୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଜି ଭାଜପାର ୧୨ ଘଣ୍ଟିଆ ବନ୍ଦ

ସମ୍ବଲପୁର,୨୫।୧୦(ବ୍ୟୁରୋ): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଭାଜପା ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ କହିଛନ୍ତି, ମମିତା ହତ୍ୟା ଘଟଣାକୁ ରାଜ୍ୟ ସରକାର ଚପାଇଦେବାକୁ ଉଦ୍ୟମ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନାହିଁ। ରାଜ୍ୟବାସୀ ଏହି ଘଟଣାକୁ ନିନ୍ଦା କରୁଛନ୍ତି। ପୋଲିସ ତଦନ୍ତରେ ପୀଡିତା ପରିବାରକୁ ନ୍ୟାୟ ମିଳିପାରିବ ନାହିଁ। ତେଣୁ ସିବିଆଇ ତଦନ୍ତ କରାଯାଉ। ବନ୍ଦରୁ ଜରୁରୀ ସେବାକୁ ବାଦ୍ ଦିଆଯାଇଛି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି କହିଥିଲେ।

### ଭତରା ସ୍କୁଲ ପରିସରରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୫।୧୦(ବ୍ୟୁରୋ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍‌ସିବି) କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ସୋମବାର ଭତରା ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଅଞ୍ଚଳର ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

କୁଚିଣ୍ଡା, ୨୫।୧୦(ଡି.ଏନ.ଏ.): କୁଚିଣ୍ଡା ପାର୍ଟି କାର୍ଯ୍ୟାଳୟରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ ଜଣ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଥିବା ଜଣାଯାଇଛି। କୁଚିଣ୍ଡା ବ୍ଲକ ଖଣ୍ଡୋକଟା ପଞ୍ଚାୟତ ଜୁନାନୀ ଗ୍ରାମର ବିଜେଡି କର୍ମୀ ସୁଦର୍ଶନ ତଣ୍ଡିଆ, ସରୋଜ ପଟେଲ, ତୁଳାରାମ ତଣ୍ଡିଆ, ମିଶ୍ର ତଣ୍ଡିଆ, ମୈଥିଲି ସୋହଲା, ମଲ୍ଲି ପ୍ରଧାନ ପ୍ରମୁଖ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ସୁଶୀଳ କର, ଚଇତ୍ରା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ଏହି କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିବା ଭାଜପା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ଯୋଗଦେଲେ ନୂତନ ବିଇଓ

ନାକଟିଦେଉଳ,୨୫।୧୦(ଡି.ଏନ.ଏ.): ନାକଟିଦେଉଳ ବ୍ଲକରେ ସୋମବାର ବିଜୟ କୁମାର ପାତ୍ର ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଦେବଗଡ଼ ଜିଲା ରିଆମାଳ ବ୍ଲକରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ନୂତନ ବିଇଓ ପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଶିକ୍ଷକ ସଂଘ ଓ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜକିଶୋର ସାହୁ, ନାକଟିଦେଉଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ସହ ସମ୍ପାଦକ ଚନ୍ଦ୍ରମଣି ବେହେରା, ଅତିରିକ୍ତ ବିଇଓ ତ୍ରିନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ହୀରାଖଣ୍ଡ ନାଗରିକ ପରିଷଦର ନୂତନ କର୍ମକର୍ତ୍ତା

ସମ୍ବଲପୁର,୨୫।୧୦(ବ୍ୟୁରୋ): ସମ୍ବଲପୁର ହୀରାଖଣ୍ଡ ନାଗରିକ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଡା. ଜୟଦେବ ମେହେର ସଭାପତି ଓ ଡ. ନନ୍ଦ କିଶୋର ଦେବତା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ପ୍ରଫେସର ଶଙ୍କର ପ୍ରସାଦ ପତି ଉପସଭାପତି, ନାରାୟଣ ନାୟକ ଯୁଗ୍ମସମ୍ପାଦକ ତଥା କୋଷାଧକ୍ଷ ରହିଛନ୍ତି। ଏଥିସହ ୭ଜଣିଆ କାର୍ଯ୍ୟକାରୀ କମିଟିରେ ଅରବିନ୍ଦ ମହାପାତ୍ର, ରତ୍ନଭୂଷଣ ପୁରୁଷେଠ, ପ୍ରଫୁଲ୍ଲ କୁମାର ହୋତା, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଗିରିଜା ଶଙ୍କର ଶର୍ମା, ନିର୍ମଳ ମାଇତି ଓ ଜୟ ଜର୍ଜଙ୍କୁ ମନୋନୀତ କରାଯାଇଛି।

# ଆସନ୍ତା ୧୫ରୁ ହୀରାକୁଦରେ ଇକୋ-ରିଟ୍ରିଟ୍

■ ଅଧିକ ପର୍ଯ୍ୟଟକ ଆସିବା ଆଶା
■ ଶେଷ ପର୍ଯ୍ୟାୟରେ ଟେଣ୍ଡର ପ୍ରକ୍ରିୟା

ସମ୍ବଲପୁର,୨୫।୧୦(ବ୍ୟୁରୋ)




ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ତଟ ବଲବସପୁର ଗ୍ରାମ ନିକଟରେ ଆସନ୍ତା ନଭେମ୍ବର ୧୫ରୁ ଇକୋ-ରିଟ୍ରିଟ ଆରମ୍ଭ ହେବ। ଏ ନେଇ ଜିଲାପାଳ ଶୁଭମ୍ ସକ୍‌ସେନା ସୂଚନା ଦେଇଛନ୍ତି। ଗତବର୍ଷ ଭଳି ୱାଟର ସ୍ପୋର୍ଟ୍ସ, ଜଳ କ୍ରୀଡ଼ା, ପର୍ଯ୍ୟଟନ ସ୍ଥଳରେ ଭ୍ରମଣ, ରହିବା ପାଇଁ ଅତ୍ୟାଧୁନିକ କୋଠରି ଓ ଖାଇବା ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଗତବର୍ଷ ଅପେକ୍ଷା ଏଥର ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବା ନେଇ ପ୍ରଶାସନ ଆଶା ରଖିଥିବା ପର୍ଯ୍ୟଟନ ବିଭାଗ ଡେପୁଟି ଡାଇରେକ୍ଟର ହେମନ୍ତ କୁମାର ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି, ଗତବର୍ଷ ପ୍ରଥମ ଥର ଲାଗି ଏଠାରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଥିଲା। ସେଭଳି ପ୍ରଚାର ପ୍ରସାର ହୋଇ ନ ଥିଲେ ହେଁ ପର୍ଯ୍ୟଟକ ସଂଖ୍ୟା ବେଶ୍ ଭଲ ରହିଥିଲା। କଟେଜ୍‌ଗୁଡିକ ପ୍ରାୟ ୪୦ ପ୍ରତିଶତ ବୁକ ରହିଥିଲା। ଜଳକ୍ରୀଡ଼ାରେ ଠିକା ସଂସ୍ଥାକୁ ଅଧିକ ଲାଭ ମିଳିଥିଲା। ପ୍ରାୟ ୩ମାସ ଧରି ସମ୍ବଲପୁର ସମେତ ଜିଲା ବାହାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଚଳିତ ବର୍ଷ ସମସ୍ତ ସୁବିଧା ସହ ମନୋରଞ୍ଜନ ବ୍ୟବସ୍ଥା ରହିଥିବାରୁ ପର୍ଯ୍ୟଟକ ଅଧିକ ହେବେ ବୋଲି ଆଶା କରାଯାଉଛି। ରାଜ୍ୟ ସ୍ତରରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବାକୁ ବସିଛି। ହୀରାକୁଦ ପାଇଁ ୬ ଜଣ ବିଡର ଟେଣ୍ଡରରେ ସାମିଲ ହୋଇଛନ୍ତି। ଖୁବ୍‌ଶୀଘ୍ର ଟେଣ୍ଡର ଖୋଲାଯିବ। ଅନ୍ୟପଟେ ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗକୁ କାମ କରିବାକୁ କୁହାଯାଇଛି। କୋଭିଡ୍ କଟକଣା ପାଇଁ ଗାଇଡ୍ ଲାଇନ ସରକାରୀ ସ୍ତରରେ ଦିଆଯିବ। ବୋଲି କହିଥିଲେ। ସୂଚନାଯୋଗ୍ୟ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁବିଧା ରହିଥିବାରୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଜିଲାକୁ ଚୟନ କରାଯାଇଛି। ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ଅଭୟାରଣ୍ୟ ସହ ପର୍ଯ୍ୟଟକମାନେ ନିକଟରେ ଥିବା ହୀରାକୁଦ ଡ୍ୟାମ, ରୋପ୍-ୱେ, ସମଲେଇ ମନ୍ଦିର, ହୁମା ବକ୍ର ମନ୍ଦିର ଭଳି ପର୍ଯ୍ୟଟନ ସ୍ଥଳ ବୁଲି ଦେଖିପାରିବେ। ଏହା ସହ ଇକୋ ରିଟ୍ରିଟ୍‌ରେ ସ୍କାଏଡିଂ, ଜଳଭଣ୍ଡରରେ ପାରା ମୋଟରିଂ, କୟାକ, ଜେଟ ସ୍କି, ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ, ସାଇକ୍ଲିଂ, ମାଛ ମାରିବା, ଯୋଗ ଅଭ୍ୟାସ କରିପାରିବେ। ପର୍ଯ୍ୟଟକଙ୍କ ପାଇଁ ୨୦ ଗୋଟି ପ୍ରିମିୟମ ଟେଣ୍ଟ, ୫ଟି ରଜୱାଡି ଟେଣ୍ଟ ସହ ଅଭ୍ୟର୍ଥନା କକ୍ଷ, ସମ୍ମିଳନୀ କକ୍ଷ, ରେଷ୍ଟୁରାଣ୍ଟ ମଧ୍ୟ ରହିବ। ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଇକୋ ରିଟ୍ରିଟ୍ ଫେଷ୍ଟିଭାଲ ଚାଲିବ।

## ଝାରସୁଗୁଡ଼ାରେ ଖୋଲିଲା ପ୍ରେଷ୍ଟିଜ୍ କିଚେନ୍ ସାମଗ୍ରୀ ଦୋକାନ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଝାରସୁଗୁଡ଼ା ଅଫିସ,୨୫।୧୦

ଝାରସୁଗୁଡାରେ ପ୍ରେଷ୍ଟିଜ୍ ସାମଗ୍ରୀର ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ତରଫରୁ ସହରର ମୁଖ୍ୟମାର୍ଗ ସରବାହାଲରେ ସୋମବାର ଏକ ପ୍ରେଷ୍ଟିଜ୍ କିଚେନ୍ ସାମଗ୍ରୀ ଦୋକାନ ଅଞ୍ଜିତା ଏଣ୍ଟରପ୍ରାଇଜେସ୍ ନାମରେ ଖୋଲିଛି। ଏହାର ମାଲିକ ଉତ୍କର୍ଷ କୁମାର ସିଂହ ରହିଛନ୍ତି। ଏହି ଦୋକାନକୁ ମାଲିକ ଉତ୍କର୍ଷଙ୍କ ଜେଜେମା ବିମଳା ପ୍ରସାଦ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେଷ୍ଟିଜ୍ କମ୍ପାନୀ ଓଡିଶାର ବ୍ରାଞ୍ଚ ମ୍ୟାନେଜର୍ ଅଙ୍କିତ କୁମାର, ଜୟୀନେନ୍ଦ୍ର କୁମାର ସିଂହ, ଅଞ୍ଜିତା ସିଂହ, ଶ୍ୱେତା କୁମାରୀ, ଅମିତ ଭୂୟାଁ, ରନ୍ନେଶ ଝା, ଅକ୍ଷୟ ଶୁକ୍ଳା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଝାରସୁଗୁଡା ଜିଲା ଏକ ଶିଳ୍ପ ସମୃଦ୍ଧ ଜିଲା ହୋଇଥିବାରୁ ବ୍ୟବସାୟ ଭଲହେବ ବୋଲି ପ୍ରେଷ୍ଟିଜ୍ ବ୍ରାଞ୍ଚ ମ୍ୟାନେଜର ଓ ଦୋକାନ ମାଲିକ ସିଂହ ଆଶା ପ୍ରକାଶ କରିଛନ୍ତି।

## ମରୁଡ଼ି ଘୋଷଣା ନେଇ କିଷାନ ସଂଘର ଦାବିପତ୍ର

ରେଢାଖୋଲ,୨୫।୧୦(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ସୋମବାର ଭାରତୀୟ କିସାନ ସଂଘ ରେଢାଖୋଲ ଓ ନାକ୍ଟିଦେଉଳ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉପଖଣ୍ଡକୁ ମରୁଡି ଘୋଷଣା ସହିତ ଠୋଙ୍ଗୋ ଡ୍ୟାମରୁ ରେଢାଖୋଲ ବ୍ଲକର ଭାଲିଆକଟା, ରେଙ୍ଗାଲି, ବଡମାଳ, ମୋଚିବାହାଲ, ଗଡଗଡବାହାଲ ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା, ମହାନଦୀର ଲୁଲେଶ୍ୱରରୁ ଉଠାଜଳସେଚନ ମାଧ୍ୟମରେ କଗଲିଗଡ, ତ୍ରିବଣପୁର, ଭରତାପୁର, ବଂଶାଜାଲକୁ ଜଳସେଚନ, ସୁରୁବାଲି ଯୋରରେ ବ୍ୟାରେଜ ନିର୍ମାଣ, ଚମ୍ପାଳି ଯୋର ଉପରେ ଡ୍ୟାମ ନିର୍ମାଣ ଆଦି ଉଲ୍ଲେଖ ହୋଇଛି। ଭାରତୀୟ କିସାନ ସଂଘର ରାଜ୍ୟ ସଂଯୋଜକ ଅଶିମ ନାରାୟଣ ଦାଶ, ଜିଲା ପ୍ରଭାରୀ ଜୟଶ୍ୱର କର୍ଣ୍ଣ, ବ୍ଲକ ସଭାପତି ରମେଶ ରାୟ, ସମ୍ପାଦକ ଦିଲୀପ ମହାକୁଡ, ଚାଷୀ କଳ୍ପତରୁ ଷଣ୍ଡ, ଦିନବନ୍ଧୁ ସାହୁ, ପ୍ରଫୁଲ୍ଲ ସାହୁ,ଉତ୍ତମ ମହାକୁଡ ପ୍ରମୁଖ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।




ଭାରତୀୟ କିଷାନ ସଂଘର ଶୋଭାଯାତ୍ରା।

## ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ, ଇଞ୍ଜିନିୟରିଂ ଛାତ୍ରଙ୍କ ଆନ୍ଦୋଳନ

ଝାରସୁଗୁଡ଼ା ଅଫିସ,୨୫।୧୦

ଇଞ୍ଜିନିୟରିଂ ସ୍କୁଲ୍ ଛାତ୍ରୀଛାତ୍ର ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧକରି ସୋମବାର ସାରା ରାଜ୍ୟରେ ଆନ୍ଦୋଳନ କରିଛନ୍ତି। ଏହି କ୍ରମରେ ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ସକାଳ ସାଢେ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ପରେ ସ୍କୁଲ୍ ଅଧ୍ୟକ୍ଷ ଧନଞ୍ଜୟ ଖୁରାଙ୍କ ଜରିଆରେ ଡିଟିଇଟି ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପାଇବାପରେ ଅଧ୍ୟକ୍ଷ ଖୁରା ଡିଟିଇଟି ନିର୍ଦ୍ଦେଶକଙ୍କୁ ମେଲ୍ ଯୋଗେ ପଠାଇ ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର କୋଭିଡ୍ ପାଇଁ ଚଳିତବର୍ଷର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ରେ ଦେଇଥିଲେ। କୋଭିଡ୍ ଦୃଷ୍ଟିରୁ ସେମାନେ ପ୍ରଥମ ସେମିଷ୍ଟର ପରୀକ୍ଷା ଦେଇ ନ ଥିଲେ। ଏହି ପ୍ରଥମ ସେମିଷ୍ଟର୍ ପରୀକ୍ଷା ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରହିଥିବାବେଳେ ସରକାର ଅନ୍‌ଲାଇନ୍ ନ କରି ଅଫ୍‌ଲାଇନ୍‌ରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅନ୍‌ଲାଇନ୍‌ରେ କରିବା ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି।



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

## ଏଡିଏମ୍‌ଙ୍କୁ ଭେଟିଲେ ଉଠାଦୋକାନୀ

ରାଉରକେଲା ଅଫିସ,୨୫।୧୦

ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ଦାବିରେ ଡେଲିମାର୍କେଟ ରାସ୍ତା କଡର ବ୍ୟବସାୟୀମାନେ ସୋମବାର ରାଉରକେଲା ଏଡିଏମ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଞ୍ଜୟ ସୁନାକର, ଶିବୁ ସୁନାକର, ଧନଞ୍ଜୟ ପ୍ରସାଦ, ରଞ୍ଜିତ ରାୟ, ଶିବୁ ନାଗ, ବିଜୟ ସୁନାକରଙ୍କ ଶହ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଡେଲିମାର୍କେଟ ଅଞ୍ଚଳର ରାସ୍ତାକଡରେ ଦୀର୍ଘ ୧୫ ବର୍ଷ ଧରି ଏହି ବ୍ୟବସାୟୀମାନେ ବ୍ୟବସାୟ କରୁଥିଲେ। ରାଉରକେଲା ସହର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ଏହି ରାସ୍ତାକଡ଼ରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ଏହି ନିୟମ କିଛି ବର୍ଷ ଚାଲିବା ପରେ ଏହି ଦୋକାନୀମାନେ ରାସ୍ତା କଡ଼ରେ ବ୍ୟବସାୟ ଆରମ୍ଭ କରି ଦେଇଥିଲେ। ଗତ ୨୨ ତାରିଖରେ ରାଉରକେଲା ମହାନଗର ନିଗମ ଓ ଟ୍ରାଫିକ ପୋଲିସ ପକ୍ଷରୁ ପୁଣି ରାସ୍ତାକଡ଼ରୁ ଏହି ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ଫଳରେ ସେମାନେ ହଇରାଣ ହେଉଛନ୍ତି। ଆଗାମୀ ଦିନରେ ସେମାନଙ୍କୁ କିଭଳି ଥଇଥାନ କରିହେବ ସେ ନେଇ ଭାଜପାର ବରିଷ୍ଠ ନେତା ରଞ୍ଜିତ ନାୟକଙ୍କ ନେତୃତ୍ୱରେ ଏହି ବ୍ୟବସାୟୀମାନେ ରାଉରକେଲା ଏଡିଏମଙ୍କୁ ସ୍ମାରକପତ୍ର ଦେଇଛନ୍ତି।




ଏଡିଏମ୍‌ଙ୍କୁ ଭେଟିଥିବା ଉଠାଦୋକାନୀବୃନ୍ଦ।

## ପରୀକ୍ଷା କରି ପଦକ୍ଷେପ ନିଆଯିବ: କେନ୍ଦ୍ରମନ୍ତ୍ରୀ

**ଯୁଯୁମୁରା ବ୍ଲକକୁ ଆଇଟିଡିଏ ଦାବି ପ୍ରସଙ୍ଗ**

ସମ୍ବଲପୁର,୨୫।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକକୁ ଆଇଟିଡିଏ ମାନ୍ୟତା ଦାବି ହୋଇଆସୁଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଦାବିକୁ ନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଚିଠି ଲେଖିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ଦାବିକୁ ନେଇ ପରୀକ୍ଷା କରାଯିବ। ଆଇଟିଡିଏ ମାନ୍ୟତା ପାଇବା ନିୟମରେ ଆସୁଥିବା ନେଇ ରିପୋର୍ଟ ପରେ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡକୁ ଆଇଟିଡିଏ ଘୋଷଣା କରାଯାଇଛି। ପ୍ରାୟ ୨ ବର୍ଷ ହେବ ଯୁଯୁମୁରା ବ୍ଲକକୁ ଆଇଟିଡିଏ ମାନ୍ୟତା ଦିଆଯାଉ ବୋଲି ଦାବି ହୋଇ ଆସୁଛି। ଏହା ହେଲେ ଅଧିକ ଅନୁଦାନ ଆସିବ ଓ ଅଞ୍ଚଳ ବିକାଶ ଦିଗରେ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ଅନେକ ସୁବିଧା ହେବ ବୋଲି ଆଶା ରହିଛି।

### ଭାଜପାର କ୍ୟାଣ୍ଡେଲ ଶୋଭାଯାତ୍ରା

ବ୍ରଜରାଜନଗର,୨୫।୧୦ (ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାରେ ସୋମବାର ବ୍ରଜରାଜନଗର ଭାଜପା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଭାଜପା ମଣ୍ଡଳ ସଭାପତି ରୁକଣ ଧୁରୁଆଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ସ୍ଥାନୀୟ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଦୁର୍ଗା ମନ୍ଦିରଠାରେ ପହଞ୍ଚିଥିଲେ। କର୍ମକର୍ତ୍ତାମାନେ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବରଖାସ୍ତ ଦାବି କରିଥିଲେ। ପରେ ମନ୍ତ୍ରୀ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

## ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ନାକଟିଦେଉଳ,୨୫।୧୦(ଡି.ଏନ.ଏ.)

ରାଜ୍ୟ ମହାସଂଘ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଏସ୍‌ଇଏସ୍ ଓ ପମ୍ପ ଚାଳକ ସଂଘ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛି। ନାକଟିଦେଉଳ ବ୍ଲକ ଶାଖା ଏଥିରେ ସାମିଲ ହୋଇଛି। ଏସ୍‌ଇଏସ୍ ଉଚ୍ଛେଦ କରି ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀ ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ପଞ୍ଚାୟତ ପରିବର୍ତ୍ତେ ବିଭାଗରୁ ଦରମା ପ୍ରଦାନ, ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଚାକିରି ଆଦି ଦାବି ନେଇ ସଂଘ ସଦସ୍ୟମାନେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଡ଼ିଓ ବିବେକାନନ୍ଦ ସାହୁଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ବ୍ଲକ ସଭାପତି ସୁରେଶ ବେହେରା, ସମ୍ପାଦକ ନବୀନ କୁମାର ଧଳଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ସୁରେଶ ଚନ୍ଦ୍ର ସାହୁ, ଗୋବିନ୍ଦ ମାଝି, ପ୍ରଫୁଲ୍ଲ ପ୍ରଧାନ, ଦୀନବନ୍ଧୁ ମାଝି, ଦୁଃଶାସନ ପ୍ରଧାନ, କଳ୍ପନା ମଞ୍ଜରୀ ଦାଶ, ପଦ୍ମିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଆନ୍ଦୋଳନରେ ସାମିଲ ହୋଇଥିବା ଜଳଯୋଗାଣ କର୍ମଚାରୀ।

### ପାଥୋଲ୍ୟାବ୍ ଚଳାଇବ ଘରୋଇ ସଂସ୍ଥା, କଂଗ୍ରେସର ବିରୋଧ

ରାଉରକେଲା ଅଫିସ,୨୫।୧୦

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ଏକ ସେଣ୍ଟ୍ରାଲ ପାଥୋଲୋଜି ଲାବୋରେଟୋରି ପ୍ରତିଷ୍ଠା ହେଉଛି। ଏହାକୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ନିର୍ମାଣ କରାଯାଉଥିବା ବେଳେ ଏହାର ସମସ୍ତ ଆବଶ୍ୟକ ମେଶି ଓ ଯନ୍ତ୍ରପାତିକୁ ଉକ୍ତ ଅନୁଷ୍ଠାନ ଯୋଗାଇ ଦେବ। କିନ୍ତୁ ଏହି ଲାବୋରେଟୋରିର ପରିଚାଳନା ଦାୟିତ୍ୱ ତାମିଲନାଡୁ ଟେକମେଡ଼ ହେଲ୍‌ଥ ସେଣ୍ଟର ଓ ଡାଏଗ୍ନୋଷ୍ଟିକ ପ୍ରା. ଲିଃକୁ ଦେବା ପାଇଁ ନିଷ୍ପତ୍ତି ହୋଇଥିବାରୁ ଏହାକୁ ଜିଲା କଂଗ୍ରେସ ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଆରଜିଏଚ୍‌ର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ ସ୍ୱାଇଁଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନେତା ବିରେନ ସେନାପତି, ଜର୍ଜ ତିର୍କୀ, ପ୍ରଶାନ୍ତ ସେଠୀ, ସୁଧୀର କୁମାର ନାଥ, ଆର.ପି ସିଂ, ଲତା ନାୟକ, ରାମାନନ୍ଦ ଶ୍ରୀଚନ୍ଦନଙ୍କ ସମେତ ବହୁ କର୍ମକର୍ତ୍ତା ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଚୋରି ବୋଲେରୋ ସୁନ୍ଦରଗଡ଼ରୁ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୨୫।୧୦

ଝାରସୁଗୁଡା ଜିଲା ବଡମାଲ ଥାନା ପୋଲିସ୍ ସୋମବାର ଏକ ଚୋରି ବୋଲେରୋ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ତଲସରା ଗ୍ରାମର ଭାସ୍କର ମାଝି(୩୯)। ତାଙ୍କ ନିକଟରୁ ଚୋରି ଓଆର୍୦୨ବିଇ-୮୩୫୨ନଂ ବୋଲେରୋକୁ ପୋଲିସ ଜବତ କରିଛି। ବଡମାଲସ୍ଥିତ ବୈଷ୍ଣବଦେବୀ ଆପାର୍ଟମେଣ୍ଟରୁ ଗତ ଶନିବାର ରାତିରେ ବୋଲେରୋ ଚୋରି ହୋଇଥିବା ନେଇ ମାଲିକ ରତିରଞ୍ଜନ ସାମଲ ଥାନାରେ ଲିଖିତ ଅଭିଯୋଗକରିଥିଲେ। ପୋଲିସ୍ ଏକ ମାମଲା (ନଂ୨୦୦/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

### ହିତାଧିକାରୀଙ୍କୁ ଶ୍ରମ କାର୍ଡ଼ ବଣ୍ଟନ

ରାଉରକେଲା ଅଫିସ,୨୫।୧୦

ରାଉରକେଲା ସେକ୍ଟର-୭ ସ୍ଥିତ ସିଟୁର କାର୍ଯ୍ୟାଳୟ ପରିସରରେ ଜିଲା ଅଟୋ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଇ-ଶ୍ରମ କାର୍ଡ଼ ବଣ୍ଟନ କରାଯାଇଛି। ଆସୋସିଏଶନ ସଭାପତି ବୈଦ୍ୟନାଥ ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥି। ଏଥିରେ ଆଇନଜୀବୀ ନାରାୟଣ ପ୍ରସାଦ ଦାସ ମୁଖ୍ୟଅତିଥି, ସମାଜସେବୀ ଚିତ୍ତ ରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଭୁବନ ବେହେରା ଇ-ଶ୍ରମ କାର୍ଡ଼ର ଉପକାରିତା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ୨୦୭ ଜଣଙ୍କୁ ଶ୍ରମକାର୍ଡ଼ ବଣ୍ଟନ କରାଯାଇଥିଲା। ବାସୁ ବାନାର୍ଜୀ, ପ୍ରିୟଙ୍କା ସାହୁ, ଲିପି ଘୋଷ, ଲିଜା ମହାରଣା, ରବି ମଲ୍ଲିକ, ମୁକ୍ତା ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗିରିଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ସୃଷ୍ଟି ଓ ସ୍ରଷ୍ଟା ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୨୫।୧୦(ବ୍ୟୁରୋ)

ଅନ୍ୟା ପକ୍ଷରୁ ସମ୍ବଲପୁର ରଙ୍ଗମଞ୍ଚର ସୃଷ୍ଟି ଓ ସ୍ରଷ୍ଟା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କବି ଡ. ପ୍ରଦୀପ କୁମାର ପଣ୍ଡାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଗୀତିକାର ଓ ନାଟ୍ୟକାର ବିନୋଦ ପଶାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଗବେଷକ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟ୍ୟ ସୃଷ୍ଟି ବିଷୟରେ ଆଲୋକପାତ କରିଥିଲେ। ଡ. ଗୋରିଦାସ ପଧାନ ସଂଯୋଜନା କରିଥିବା ବେଳେ ପୁସ୍ତକର ଲେଖକ ଡ.ଦ୍ୱାରିକାନାଥ ନାୟକ ଓ ପ୍ରଶାନ୍ତ ମାଝି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୌଭାଗ୍ୟବନ୍ତ ମହାରଣା, ଦୁର୍ଗା ପ୍ରସାଦ ପଣ୍ଡା, ଅଭିନେତ୍ରୀ ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଚାଳକ ସଂଘ ବୈଠକ

ନାକଟିଦେଉଳ,୨୫।୧୦(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଡ୍ରାଇଭର ସଂଘର ଏକ ବୈଠକ ଶିମିଳିପାଳ ଗ୍ରା.ପ. ଅନ୍ତର୍ଗତ କାଉଶିଁପାଳଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜିତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚାଳକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର ଶିମିଳିପାଳ ଗ୍ରା.ପ. ସ୍ତରରେ ଶାଖା ଗଠନ କରାଯାଇ ଧରଣୀଧର ସାହୁଙ୍କୁ ସଭାପତି, ସୁଜିତ କୁମାର ନାୟକଙ୍କୁ ସମ୍ପାଦକ ଓ ସଞ୍ଜୟ ସାହୁଙ୍କୁ କୋଷାଧକ୍ଷ ମନୋନୀତ କରାଯାଇଥିଲା।

